# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୩୧ ମାର୍ଚ୍ଚ ୨୦୨୬

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ପାନୀୟଜଳ ସମସ୍ୟାର ସମାଧାନ

*631 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗ୍ରାମାଞ୍ଚଳଗୁଡ଼ିକରେ ଗ୍ରୀଷ୍ମ କାଳରେ ପାନୀୟ ଜଳ ପାଇଁ ହା ହା କାର ସୃଷ୍ଟି ହୋଇଛି ; ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଗତ ଦୁଇ ବର୍ଷ ମଧ୍ୟରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ; ବିଶେଷ କରି କୋରାପୁଟ ଜିଲ୍ଲାରେ ପାନୀୟ ଜଳର ଉତ୍କଟ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

### Appointment of Supervisors

*632 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The details of posts of Swachha Sathi Supervisors in Municipal Corporations and Municipalities across the State, indicating ULB-wise sanctioned strength and remuneration; (b) The status of such supervisory posts in Cuttack Municipal Corporation,

including number of wards and supervisors presently engaged; The reasons for non-posting of Swachha Sathi Supervisors ward-wise in CMC despite similar arrangements in other ULBs; and of the steps proposed to appoint supervisors and review their honorarium to ensure effective sanitation management ?

----

## CAMPA ଯୋଜନାରେ ଆସିଥିବା Fund

***633 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) CAMPA, କାର୍ଯ୍ୟକ୍ରମରେ ଓଡ଼ିଶାକୁ ଆଜି ପର୍ଯ୍ୟନ୍ତ କେତେ Fund ଆସିଛି ଏବଂ ସେହି Fund ରୁ ସୁନ୍ଦରଗଡ଼ ଜିଲ୍ଲାରେ କେତେ ଅଞ୍ଚଳରେ ଏବଂ କେତେ ପରିମାଣରେ ଗଛ ଲଗା ହୋଇଛି ତାର ବିବରଣୀ ଦେବେ କି; (ଖ) ସୁନ୍ଦରଗଡ଼ ଜିଲ୍ଲାର ତିନୋଟି ଜଙ୍ଗଲ ଡ଼ିଭିଜନରେ ଆଜି ପର୍ଯ୍ୟନ୍ତ କେତେ ପରିମାଣର (Campa Fund ) ଅର୍ଥ ପାଇଛନ୍ତି ?

----

## ସେତୁ କାମର ଅଗ୍ରଗତି

***634 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2025-26 ପାଇଁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅନୁମୋଦିତ ହୋଇଥିବା ରାସ୍ତା ଓ ସେତୁ ପ୍ରକଳ୍ପ ଗୁଡିକର ନିର୍ମାଣ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା କି ଅଗ୍ରଗତି ହୋଇଛି ; (ଖ) 2024-25 ଓ 2025-26 ଅଭିଜ୍ଞତାରୁ ଶିକ୍ଷାଲାଭ କରି 2026-27 ର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବେଳହୁଁ ଆରମ୍ଭ କରିବାକୁ ପ୍ରକ୍ରିୟା ଆରମ୍ଭ କି ?

----

## ସିଏସଆର ଆର୍ଥରେ କୋଚିଂ ବ୍ୟବସ୍ଥା

***635 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Odisha Mining Corporation (ଓଏମସି) ଗତ ବର୍ଷ କର୍ପୋରେଟ୍ ସୋସିଆଲ୍ ରେସନ୍ଧିବିଲିଟି (ସିଏସଆର୍) ଅଧୀନରେ ମୋଟ କେତେ ଟଙ୍କା ବ୍ୟୟ କରିଛି, (ଖ) ଏହି ଅର୍ଥ କେଉଁ କେଉଁ ଉଦ୍ଦେଶ୍ୟରେ, କେଉଁ କେଉଁ ବାବଦକୁ ଓ କେଉଁ କେଉଁ ଅଞ୍ଚଳରେ ବ୍ୟୟ କରାଯାଇଛି, ସିଏସଆର୍ ଅଧୀନରେ ଛାତ୍ରଛାତ୍ରୀ ମାନଙ୍କୁ କୋଚିଂ ଦେବାପାଇଁ କେତେଟଙ୍କା ଦିଆଯାଇଛି, ବ୍ୟୟର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିବେ କି ?

----

## ଲେବର୍ କାର୍ଡ ପ୍ରଦାନ

***636 ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଲେବର୍ ଡିପାର୍ଟମେଣ୍ଟ ତରଫରୁ ଶ୍ରମିକମାନଙ୍କ ପାଇଁ କେଉଁ କେଉଁ ସୁବିଧା ଓ କଲ୍ୟାଣ ଯୋଜନା ପ୍ରଦାନ କରାଯାଉଛି ଏବଂ ସେମାନେ କିଭଳି ଏହି ସୁବିଧାର ଲାଭ ପାଇପାରିବେ, (ଖ) ଶ୍ରମିକମାନଙ୍କୁ ସଚେତନ କରିବା ଓ ସହାୟତା ପ୍ରଦାନ କରିବା ପାଇଁ ବିଭାଗ ପକ୍ଷରୁ କେଉଁ ପ୍ରକାର କାଉନସେଲିଂ, ସଚେତନତା ଶିବିର କିମ୍ବା ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି, ଜଣେ ଶ୍ରମିକ ଲେବର୍ କାର୍ଡ ପାଇଁ ଆବେଦନ କଲା ପରେ ସାଧାରଣତଃ କେତେ ଦିନ ମଧ୍ୟରେ ତାଙ୍କୁ ଲେବର୍ କାର୍ଡ ଦିଆଯାଉଛି, ଉକ୍ତ ଜିଲ୍ଲାରେ ଏବଂ ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀରେ ଏଯାବତ୍ କେତେଜଣ ଶ୍ରମିକ ଲେବର କାର୍ଡ ପାଇଛନ୍ତି ଓ କେତେଜଣ ଆବେଦନ କରିଛନ୍ତି?

----

## ଜୈବିକ ଖତ ବିକ୍ରୀ

***637 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଗ୍ରାମାଞ୍ଚଳରେ କାର୍ଯ୍ୟକ୍ଷମ ଥିବା 'Solid Waste Management' ୟୁନିଟ୍ ଗୁଡ଼ିକରୁ ଗତ ଦୁଇ ଆର୍ଥିକ ବର୍ଷ ମଧ୍ୟରେ କେତେ ପରିମାଣର ଜୈବିକ ଖତ ଉତ୍ପାଦନ କରାଯାଇଛି; ଏହି ଉତ୍ପାଦିତ ଖତ ବିକ୍ରି କରି ପଞ୍ଚାୟତ ଗୁଡ଼ିକ ମୋଟ କେତେ ରାଜସ୍ୱ ଆଦାୟ କରିଛନ୍ତି, ତାହାର ଏକ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି; (କ) ଏହି ଆଦାୟ ହୋଇଥିବା ଅର୍ଥ ମଧ୍ୟରୁ କେତେ ପ୍ରତିଶତ ପରିମଳ କର୍ମଚାରୀଙ୍କ ସହାୟତା ପାଇଁ ଏବଂ କେତେ ପ୍ରତିଶତ ପଞ୍ଚାୟତର ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟରେ ବିନିଯୋଗ କରାଯାଉଛି; (ଖ) ଖତ ବିକ୍ରି ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ Market Linkage କିମ୍ବା ସମବାୟ ସମିତି ସହ ଚୁକ୍ତିବଦ୍ଧ ହୋଇଛନ୍ତି କି?

----

## ଆମ ବସଷ୍ଟପ୍ ନିର୍ମାଣ

***638 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭୁବନେଶ୍ୱରର କେଉଁ ସ୍ଥାନମାନଙ୍କରେ ସ୍ମାର୍ଟସିଟି ଲି: ପକ୍ଷରୁ ସର୍ବମୋଟ କେତୋଟି ଅତ୍ୟାଧୁନିକ ବସଷ୍ଟପ୍ କେତେ ଟଙ୍କା ବ୍ୟୟରେ କେବେ ନିର୍ମାଣ କରାଯାଇଥିଲା ଏବଂ ଗମନାଗମନ ଜନିତ କି ପ୍ରକାର ସୂଚନାପ୍ରାପ୍ତ ହେଉଥିଲା ; ଆମ ବସଷ୍ଟପ୍ ମାନଙ୍କର ବର୍ତ୍ତମାନ ସ୍ଥିତି କଣ ; ଅଧିକ ବସଷ୍ଟପର ଆବଶ୍ୟକତାକୁ ଅନୁଭବ କରି ସରକାର କେଉଁଠାରେ କେତୋଟି ନୂଆ ଆମ ବସଷ୍ଟପ୍ ନିର୍ମାଣ କରିବାକୁ ଯୋଜନା କରିଛନ୍ତି ଏବଂ କେବେ ସମ୍ପୂର୍ଣ୍ଣ ହେବ ?

----

## ଜଗନ୍ନାଥ ବନ ପ୍ରକଳ୍ପ ସମ୍ପର୍କରେ

***639 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ସାଉରିଆ ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲରେ ଥିବା ଜଗନ୍ନାଥ ବନ ପ୍ରକଳ୍ପ ଯାହାକି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ନିମନ୍ତେ ରଥକାଠ କଟାଯିବା ଉଦେଶ୍ୟରେ ଲଗାଯାଇଥିଲା, ବର୍ତ୍ତମାନ କିଛିଦିନ ହେଲା ସେହି ଜଙ୍ଗଲକୁ JCB ସାହାଯ୍ୟରେ ସଫା କରାଯାଇ କଟାଚାଲିଛି , ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି କାର୍ଯ୍ୟକୁ ବନ୍ଦ କରିବା ସହ ଜଙ୍ଗଲ ବିଭାଗକୁ ନୂତନ ଚାରା ଲଗାଇବାକୁ ନିର୍ଦ୍ଦେଶ ଦେବେ କି ?

----

## ସେତୁ ନିର୍ମାଣ ପାଇଁ ପ୍ରସ୍ତାବ

***640 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ନଦୀନାଳ ଗୁଡ଼ିକରେ ସେତୁ ନଥିବା କାରଣରୁ ସାଧାରଣ ଲୋକ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ କେଉଁ ବ୍ଲକରେ କେତୋଟି ସେତୁର ଆବଶ୍ୟକତା ରହିଛି, ସେଗୁଡ଼ିକର ସର୍ଭେ ହୋଇଅଛି କି; ତନ୍ମଧ୍ୟରୁ ସିମୁଳିଆ ନିର୍ବାଚନ ମଣ୍ଡଳୀ କେତୋଟି ସେତୁ ପାଇଁ ପ୍ରସ୍ତାବ ଅଛି, କେତୋଟିର କାର୍ଯ୍ୟ ଆରମ୍ଭ ହୋଇଛି, ଚଳିତବର୍ଷ ଓ ଅବଶିଷ୍ଟ କେତୋଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରଖିଛନ୍ତି ?

----

## ବକେୟା ଦରମା ପ୍ରଦାନ

***641 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- OSRTC ନିଗମରେ ଅବସର ପ୍ରାପ୍ତ କର୍ମଚାରୀଙ୍କୁ ବକେୟା ପ୍ରାପ୍ୟ ନଦେବା ଦିଗରେ ଯେଉଁ କର୍ମଚାରୀମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା, ରାଜକୋଷର ଅର୍ଥ ଅନିୟମିତତା କାର୍ଯ୍ୟ କରିଥିବାରୁ, ଚାକିରିରୁ ବିଦାୟ ନକରିବା ସହିତ କୌଣସି କାର୍ଯ୍ୟାନୁଷ୍ଠାନ ନକରିବା କଥାଟି ସତ୍ୟ କି, କାର୍ଯ୍ୟରତ କେଉଁ କର୍ମଚାରୀମାନେ କେତେ ବକେୟା ଦରମା ଗ୍ରହଣ କରିଛନ୍ତି ଏବଂ କେତେ 01.03.2026 ରିଖ ସୁଦ୍ଧା ଫେରସ୍ତ ଦେଇଛନ୍ତି ?

----

## ଶ୍ରମିକ ପଞ୍ଜିକରଣ

***642 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଶ୍ରମିକ (ନିର୍ମାଣ) ମାନଙ୍କ ସଂଖ୍ୟା କେତେ, କେତେ ଜମି ରେଜିଷ୍ଟ୍ରିଭୁକ୍ତ ହୋଇଛନ୍ତି, ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଶ୍ରମିକମାନଙ୍କ ମଧ୍ୟରୁ କେତେଜଣ ସଂଗଠିତ କ୍ଷେତ୍ରରେ ଶ୍ରମିକ ଓ କେତେଜଣ ଅଣ ସଂଗଠିତ ଶ୍ରେଣୀର ଶ୍ରମିକ, ନିର୍ମାଣ ଶ୍ରମିକ ବିଭିନ୍ନ କଲ୍ୟାଣକାରୀ ସରକାରୀ ଯୋଜନାଗୁଡିକ କଣ କଣ ଅଛି ଓ ସେଥିରୁ ଗତ 20 ମାସ ମଧ୍ୟରେ କେତେଜଣ ଶ୍ରମିକ ଏହି ଯୋଜନାରୁ ଲାଭବାନ ହୋଇଛନ୍ତି, କେତେଜଣ ଶ୍ରମିକ ସହାୟତା ପାଇବା ପାଇଁ ଯୋଗ୍ୟ ହୋଇଛନ୍ତି ?

----

## ପଞ୍ଚାୟତର ନିଜସ୍ୱ ଆୟ

***643 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପଞ୍ଚାୟତରାଜ ଅନୁଷ୍ଠାନଗୁଡିକ ନିଜସ୍ୱ ଆୟ ବ୍ୟବସ୍ଥା କରିବା ଓ ଆବଶ୍ୟକ ପଡିଲେ ପୌରସଂସ୍ଥା ପରି ଋଣ ଉଠାଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପ୍ରସ୍ତାବ ଅଛି କି ଓ ଉତ୍ତର ହଁ ହୋଇଥିଲେ, ଏ ଦିଗରେ କଣ କରାଯାଉଛି ଏବଂ କେତୋଟି ପଞ୍ଚାୟତ ଅନୁଷ୍ଠାନ ଏ ଦିଗରେ କି ପ୍ରକାର ପଦକ୍ଷେପ ନେଉଛନ୍ତି, ଗତ ଆର୍ଥିକ ବର୍ଷ ଓ ଚଳିତ ଆର୍ଥିକ ବର୍ଷରେ ଏଯାଏଁ କେତୋଟି ପଞ୍ଚାୟତିରାଜ ସଂସ୍ଥା କେତେ ଅର୍ଥ ନିଜେ ଯୋଗାଡ କରିଛନ୍ତି ଓ କେତେ ଅର୍ଥ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଠାରୁ ପାଇଛନ୍ତି ?

----

## ଜଳେଶ୍ୱର ପୌରପାଳିକାର Hygienic Fish Market ନିର୍ମାଣ

***644 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ପୌରପାଳିକା ମଧ୍ୟରେ Hygienic Fish Market ନିର୍ମାଣ ପାଇଁ ଦୀର୍ଘ ଦିନରୁ ଟେଣ୍ଡର ଆହ୍ୱାନ କରାଯାଇଥିଲେ ହେଁ କେଉଁ କାରଣରୁ ନିର୍ମାଣ ହୋଇପାରୁନାହିଁ, ଏହି ସମସ୍ୟା EO କାହାକୁ କେବେ ଅବଗତ କରାଇଛନ୍ତି ଏବଂ ସମସ୍ୟା ସମାଧାନ ସକାଶେ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ହସ୍ତକ୍ଷେପ କରିବାକୁ ପ୍ରସ୍ତାବ ରଖିଛନ୍ତି କି, ଯଦି EO ଙ୍କ ଅବହେଳା ପାଇଁ ଏ କାର୍ଯ୍ୟ ହୋଇପାରୁନଥାଏ ତେବେ ସରକାର କ'ଣ ନିର୍ଦ୍ଦେଶ ଦେବେ ?

----

## Environmental Impact Assessment (EIA)

***645 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government has conducted Environmental Impact Assessment (EIA) before granting forest land for new projects in the State; (b) How many proposals for forest land diversion have been rejected or kept pending due to environmental concerns in the last three years; whether any projects have been approved in eco-sensitive zones or tribal dominated forest areas, and if so, the details thereof ?

----

## ନୂତନ ସେତୁ ନିର୍ମାଣ

***646 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Lathikata, Kuarmunda, Nuagaon ଓ Bisra ବ୍ଲକର ଅନେକ ଗ୍ରାମରେ ବର୍ଷା ଋତୁ ସମୟରେ ନଦୀ ଓ ନାଳ ଅତିକ୍ରମ କରିବା ପାଇଁ ସେତୁ ନଥିବାରୁ ଯାତାୟତ ବାଧାପ୍ରାପ୍ତ ହେଉଥିବା ବିଷୟ ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି ; (ଖ) ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ SETU Yojana ଅଧୀନରେ ଉକ୍ତ ଅଞ୍ଚଳଗୁଡିକରେ ନୂତନ ସେତୁ ନିର୍ମାଣ ପାଇଁ କୌଣସି ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ଅଛି କି?

----

## ଭିତ୍ତିଭୂମି ଉନ୍ନୟନ

***647 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଥିବା ଖେଳ ପଡିଆ, ଶ୍ମସାନ, ଓ ପାର୍କର ରକ୍ଷଣାବେକ୍ଷଣ ପାଇଁ ବିଗତ ତିନି ବର୍ଷରେ କେତେ ଅର୍ଥ ବ୍ୟୟ ଆୟ କରାଯାଇଛି ପ୍ରକାଶ କରି ସହର ମଧ୍ୟସ୍ଥଳୀରେ ଥିବା ସହରୀକରଣ ପ୍ରକ୍ରିୟାରେ ଥିବା ଏହି ପଞ୍ଚାୟତ ଗୁଡିକର ଭିତ୍ତିଭୂମି ଉନ୍ନୟନ ପାଇଁ ଅନୁଦାନ ବ୍ୟବସ୍ଥା କରିବେ କି ?

----

## ପଦବୀ ପୂରଣ

***648 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ମଞ୍ଜୁରୀପ୍ରାପ୍ତ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ସରକାରୀ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସରକାରୀ ନିର୍ବାହୀଯନ୍ତ୍ରୀ, ଓ ସହକାରୀଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀ ପଦବୀରୁ କେତେ ପଦବୀ ଖାଲି ଅଛି ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଜଳ ନିର୍ଗମନ

***649 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜଙ୍ଗଲରେ ଥିବା କେଉଁ କେଉଁ ଚିରସ୍ରୋତା ପ୍ରାକୃତିକ ନାଳ ଓ ଝରଣା ଗୁଡ଼ିକ ଶୁଷ୍କ ହେବା ସହ ତାହାର ଜଳନିର୍ଗମନ କ୍ଷମତା ଶୂନ୍ୟ ହୋଇଯାଇଛି, ପ୍ରକାଶ କରି ଏହି ଜଳଧାରାଗୁଡ଼ିକରୁ ପୁନଃ ଜଳ ନିର୍ଗମନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## Incomplete Rural Roads

***650 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the block-wise data of incomplete rural roads, irrigation canals and pond renovation works

sanctioned under MGNREGA in Kalahandi district, and how many works remain pending beyond their stipulated completion timeline?

----

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

***651 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ଗତ ୫ ବର୍ଷ ଭିତରେ କେତୋଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି ?

----

## ଶୌଚାଳୟ ବ୍ୟବସ୍ଥା

***652 ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପ୍ରତ୍ୟେକ ପୌରସଂସ୍ଥାରେ ସମସ୍ତ ପରିବାର ପାଇଁ ଶୌଚାଳୟ ବ୍ୟବସ୍ଥା ଅଛି କି, ସମଗ୍ର ପୌରସଂସ୍ଥାରେ କେତୋଟି ପରିବାରର ଶୌଚାଳୟ ସୁବିଧା ନାହିଁ ଓ ଶୌଚାଳୟ ଉପଲବ୍ଧ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

## Climate Resilience Funds

***653 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- a) Satyabadi-specific share of green cover funds (e.g., 75 crore statewide) for cyclone barriers, contrasting previous Govt's low utilisation; (b) Progress on Ama Similipala-like schemes extended to Puri forests, with tribal Eco-development committees; Measures to halt illegal diversions using CAMPA for compensatory afforestation in coastal blocks and 2026-27 dashboard for forest fire prevention?

----

## ଦକ୍ଷତା ବୃଦ୍ଧି

***654 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଅଧୀନରେ କେଉଁ କ୍ଷମତା କେବେ ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରିଛନ୍ତି, ୨୦୨୨ ରୁ ଅଦ୍ୟାବଧି, ମାଲକାନଗିରି ଜିଲ୍ଲାର PRI ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧି ଦିଗରେ କି କାର୍ଯ୍ୟ ସମ୍ପାଦିତ ହୋଇଛି, ପ୍ରକାଶ କରିବେ କି ?

----

## ଶ୍ରମିକଙ୍କ ପାଇଁ ଗୃହ ବ୍ୟବସ୍ଥା

***655 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ସହର ବଜାର ମାନଙ୍କରେ ଶ୍ରମଜୀବୀ "ଶ୍ରମିକ" ମଶାଣି ଛିଣ୍ଡା ଜରିପାଲ ତଳେ ଦୁର୍ଦ୍ଦଶାଗ୍ରସ୍ତ ଜୀବନ କଟାଉଥିବାର ଦୃଶ୍ୟ ଦେଖାଯାଏ, ଉକ୍ତ ଶ୍ରମିକମାନଙ୍କ ପାଇଁ ରହିବା ପାଇଁ ଗୃହର ବ୍ୟବସ୍ଥା ଅଛି କି ଶ୍ରମିକମାନେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ତାଙ୍କୁ ସହାୟତା ଦେବା ପାଇଁ ବିଭାଗ ତରଫରୁ କଣ ବ୍ୟବସ୍ଥା ସବୁଅଛି ତାହା ଜଣାଇବେକି ?

----

## ନଳକୂପ ଖନନ ପାଇଁ ପଦକ୍ଷେପ

***656 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ସମେତ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଆଗାମୀ ଖରାଦିନରେ ଜଳକଷ୍ଟ ଦୂର କରିବା ପାଇଁ ନୂତନ ନଳକୂପ, ଓ ଖୋଲା କୂପ ଖନନ କରିବା ପାଇଁ ସରକାରଙ୍କର କଣ ପଦକ୍ଷେପ ନେଇଛନ୍ତି ?

----

## Water Management Index ସମ୍ପର୍କରେ

***657 ଶ୍ରୀ ମାଧବ ଧଡା (ସୋରୋ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୀତି ଆୟୋଗ ପକ୍ଷରୁ Composite Water Management Index ଅନୁଯାୟୀ ତୁଳନାତ୍ମକ ଭାବରେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡିଶାର Water Management Index କେତେ, ରାଜ୍ୟର Water Management Performance ରେ ରାଜ୍ୟ ସରକାର ସନ୍ତୁଷ୍ଟ କି, ଯଦି ଉତ୍ତର ହଁ ହୁଏ ତେବେ ଜଳ ଜୀବନ ମିଶନ ଯୋଜନା (ଗ୍ରାମୀଣ) ଆରମ୍ଭ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ସୋରୋ ନିର୍ବାଚନ ମଣ୍ଡଳୀର କେତେକ ଗ୍ରାମରେ ୧୦୦% ଘରେ ଟ୍ୟାପ ଜଳ ସଂଯୋଗ କରାଯାଇଛି ଏବଂ ଅବଶିଷ୍ଟ କେତେଗୋଟି ଘରକୁ କେଉଁ କେଉଁ ଗ୍ରାମରେ ଟ୍ୟାପ ଜଳ ସଂଯୋଗ ଥିବା ଘର ଅଛି, ଘରେ ଟ୍ୟାପ ଜଳ ନ ଥିବା ଘର ସଂଖ୍ୟା, ଗ୍ରାମ ସଂଖ୍ୟା କେତେ, ବ୍ଲକୱାରୀ ତଥ୍ୟ ଦେବେ କି ?

----

## ଖାରବେଳ Complex ର ସ୍ଥିତି

***658 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ରାଜଧାନୀରେ ବିଡିଏ ପକ୍ଷରୁ ନିର୍ମାଣ କରାଯାଇଥିବା କେ(୯) ଖାରବେଳ କମ୍ପ୍ଲେକ୍ସ ପ୍ରକଳ୍ପରେ କେତେ ଅର୍ଥ ବ୍ୟୟ ହୋଇଛି ; ବର୍ତ୍ତମାନ ଏହି ପ୍ରକଳ୍ପର ସ୍ଥିତି କଣ ; ବିନା ପରିବେଶ ମଞ୍ଜୁରୀରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି କି,ଏ ବାବଦରେ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Forest clearance for Thermal Power Plant

***୬୫୨ ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- the details of environmental studies undertaken regarding the proposed 2400 MW thermal power plant at Kandarei, Athagarh in Cuttack district, including Environmental Impact Assessment and related findings?

----

## ଅଣକୁଶଳୀ ଶ୍ରମିକଙ୍କୁ ଶ୍ରମ କାର୍ଡ଼ ପ୍ରଦାନ

***୬୬୦ ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ ଅଧିନରେ ସୁନ୍ଦରଗଡ଼ ଜିଲ୍ଲାର କେତେ ଲୋକଙ୍କୁ ୨୦୨୪ -୨୫ ଏବଂ ୨୦୨୫- ୨୬ ରେ ପଞ୍ଜିକୃତ କରାଯାଇଛି; (ଖ) ବିକଶିତ ଭାରତ - G RAM G ( MGNAREGA) ଯୋଜନାରେ କାମକରୁଥିବା ଅଣକୁଶଳୀ ଶ୍ରମିକଙ୍କୁ ଶ୍ରମ Card ପ୍ରଦାନ କରା ନଯିବାର କାରଣ କଣ, ଏବଂ ତାକୁ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବେ କି ?

----